RNI No.ODIODI/2010/33031
୧୭ ବର୍ଷ Volume-17
ISSUE -45 ସଂଖ୍ୟା-୪୫
ଭୁବନେଶ୍ୱର, ଶୁକ୍ରବାର ୨୪ ଏପ୍ରିଲ୍ ୨୦୨୬
Bhubaneswar, Friday 24 April, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com
RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ସୁରକ୍ଷିତ ଜନଗଣନା ପାଇଁ ମାଷ୍ଟରପ୍ଲାନ୍

ଏସଓପି ଜାରି କଲେ ସରକାର, ଆଇଡି କାର୍ଡ ବାଧ୍ୟତାମୂଳକ

ଭୁବନେଶ୍ୱର,୨୩।୪(ନି.ପ୍ର.): ଗୃହ ତାଲିକାକରଣ ଏବଂ ଜନଗଣନା ୨୦୨୭ ସମୟରେ ଜନଗଣନା କର୍ମଚାରୀଙ୍କ ସୁରକ୍ଷା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାର ଏସଓପି ଜାରି କରିଛନ୍ତି। ଅତିରିକ୍ତ ମୁଖ୍ୟ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ନିର୍ଦ୍ଦେଶନାମା, ସାରା ରାଜ୍ୟରେ ସୁଗମ ଜନଗଣନା କାର୍ଯ୍ୟ ବଜାୟ ରଖିବା ସହିତ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକମାନଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ।

ଏହି ଏସଓପିରେ ଚିହ୍ନଟ ନିୟମ, ନିରାପଦ କାର୍ଯ୍ୟ ସମୟ ଏବଂ ସ୍ୱାସ୍ଥ୍ୟ ସତର୍କତା ଉଲ୍ଲେଖ କରାଯାଇଛି। ଏହି ନିର୍ଦ୍ଦେଶିକା ଅନୁଯାୟୀ, ଏବେ ତୀବ୍ର ଖରାରେ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ କୌଣସି ଫିଲ୍ଡ କାମ ହେବ ନାହିଁ। କର୍ମଚାରୀମାନେ ନିଶ୍ଚିତଭାବେ ପରିଚୟ ପତ୍ର ଓ ନିଯୁକ୍ତି ପତ୍ର ବହନ କରିବେ, ଯାହା ଦ୍ୱାରା ଲୋକମାନଙ୍କର ବିଶ୍ୱାସ ବଢ଼ିବ।

ସେହିପରି, ସୁରକ୍ଷାକୁ ଆହୁରି ମଜବୁତ କରିବା ପାଇଁ ସମ୍ବେଦନଶୀଳ ଅଞ୍ଚଳରେ ଦୁଇଜଣିଆ ଦଳରେ କାମ କରିବାକୁ କହାଯାଇଛି। କୌଣସି ବିପଦଜନକ ପରିସ୍ଥିତି ହେଲେ ସତ୍ୱରେ ଉପରସ୍ଥ ଅଧିକାରୀଙ୍କୁ ଜଣାଇବାକୁ ନିର୍ଦ୍ଦେଶ ରହିଛି। ସୁପରଭାଇଜରମାନେ ପ୍ରତି ଘଣ୍ଟାରେ ଟିମ୍‌ର କାର୍ଯ୍ୟ ଓ ସୁରକ୍ଷା ଉପରେ ନଜର ରଖିବେ। ଜିଲ୍ଲା ପ୍ରଶାସନ ଡିହାଇଡ୍ରେସନ୍ ଏବଂ ଗରମ ଜନିତ ରୋଗରୁ ରକ୍ଷା ପାଇବା ପାଇଁ ଓଆରଏସ ଏବଂ ଅନ୍ୟାନ୍ୟ ପ୍ରତିଷେଧକ ବ୍ୟବସ୍ଥା ଯୋଗାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ପୋଲିସ ସହ ସମନ୍ୱୟକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ଆବଶ୍ୟକ ହେଲେ ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ କର୍ମଚାରୀମାନେ ସେନସସ୍ ଟିମ୍ ସହ ଯିବେ। ସେହିପରି, ଜନଗଣନା ପୂର୍ବରୁ ସ୍ଥାନୀୟ ନେତା ଓ ସମୁଦାୟ ସହ ସମ୍ପର୍କ ସୃଷ୍ଟି କରିବାକୁ କର୍ମଚାରୀମାନେ ପରାମର୍ଶ ପାଇଛନ୍ତି, ଯାହା ଦ୍ୱାରା ସହଯୋଗ ମିଳିବ। ସରକାର ସ୍ପଷ୍ଟ କରିଛନ୍ତି ଯେ ଜନଗଣନା କାମରେ ବାଧା ସୃଷ୍ଟି କରିଲେ, ସେନସସ ଆକ୍ଟ ୧୯୪୮ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ହେବ, ଯାହାରେ ଜରିମାନା ସହ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଶାସ୍ତି ମଧ୍ୟ ରହିଛି।ସରକାରଙ୍କ ଏହି ନିର୍ଦ୍ଦେଶନାମା ସମଗ୍ର ଓଡ଼ିଶାରେ ଜନଗଣନା କାର୍ଯ୍ୟକୁ ସୁରକ୍ଷିତ ଏବଂ ଦକ୍ଷ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି।

ଜନଗଣନା ଅଧିକାରୀଙ୍କୁ ମାଡ଼ ମାରି ଜେଲ୍ ଗଲେ ୩ ବାପା-ପୁଅ

ଢେଙ୍କାନାଳ,୨୩।୪(ନି.ପ୍ର.): ଜନଗଣନା ଅଧିକାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବାପା-ପୁଅ ମିଶି ଜେଲ୍ ଯାଇଛନ୍ତି । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ଅନନ୍ତପୁର ସାହିର ବାପା ନିକୁଞ୍ଜ ରମଣ ଶତପଥୀ, ଦୁଇ ପୁଅ ଉଦିତ୍ ସ୍ୱପ୍ନ ଶତପଥୀ ଓ ଭାନୁପ୍ରକାଶ ଶତପଥୀଙ୍କୁ କୋର୍ଟ ଚାଲାଣ ପରେ ଜେଲ୍ ପଠାଇ ଦିଆଯାଇଛି । ନିକୁଞ୍ଜ ଶତପଥୀଙ୍କ ପରିବାର ଲୋକେ ଜନଗଣନା କାର୍ଯ୍ୟରେ ସହଯୋଗ କରୁନଥିଲେ । ସେଥିପାଇଁ ଗତକାଲି ସକାଳେ ୪ ଜଣ ଜନଗଣନା ଅଧିକାରୀ ରଘୁନାଥ ଦୀକ୍ଷିତ, ମଧୁସ୍ମିତା ବେହେରା, ସ୍ୱର୍ଣ୍ଣଲତା ସାହୁ ଓ ସତୀନ ବିରେନ ବେହେରା ନିକୁଞ୍ଜଙ୍କ ଘରକୁ ଯାଇଥିବାବେଳେ ଆକ୍ରମଣର ଶୀକାର ହୋଇଥିଲେ । ଟେକା ପଥର ଫୋପାଡ଼ିବା ସହିତ ଗାଡ଼ି ମଧ୍ୟ ଭାଙ୍ଗି ଦେଇଥିଲେ । ଏପରିକି ଅଧିକାରୀମାନଙ୍କୁ ଗୋଡେଇ ଗୋଡେଇ ମାଡ଼ ମାରିବା ସହିତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ।

ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସା

ମୁର୍ଶିଦାବାଦରେ ହୁମାୟୁନ କବୀର-ଟିଏମସି କର୍ମୀଙ୍କ ମଧ୍ୟରେ ସଂଘର୍ଷ, ନୌଦାରେ ବୋମା ମାଡ

କୋଲକାତା,୨୩।୪(ନି.ପ୍ର.): ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ମତଦାନ ସମୟରେ ଗଣ୍ଡଗୋଳ ଘଟିଛି। ତୃଣମୂଳ କଂଗ୍ରେସ ଦଳ ଛାଡିଥିବା ହୁମାୟୁନ୍ କବୀର ଏବଂ ଟିଏମସି କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ହୁମାୟୁନ୍ କବୀରଙ୍କ ବିରୋଧରେ ସ୍ଲୋଗାନ ଦିଆଯିବା ସହିତ ସେଠାରେ ନିୟୋଜିତ ସୁରକ୍ଷା କର୍ମୀଙ୍କ ସହ ମଧ୍ୟ ଧସ୍ତାଧସ୍ତି ହୋଇଥିବା ଜଣାପଡିଛି। ମୁର୍ଶିଦାବାଦର ନୌଡାରେ, ଟିଏମସି ବ୍ଲକ ଅଧକ୍ଷ ହୁମାୟୁନ କବୀରଙ୍କ ସହ ପ୍ରବଳ ଯୁକ୍ତିତର୍କ କରିଥିଲେ। ଆମ ଜନତା ଉନ୍ନୟନ ପାର୍ଟିର ପ୍ରାର୍ଥୀ କବୀର ପୂର୍ବରୁ ଟିଏମସିରୁ ଇସ୍ତଫା ଦେଇଥିଲେ। କବୀରଙ୍କ ବିରୋଧରେ 'ଚୋର, ଚୋର' ସ୍ଲୋଗାନ ଦିଆଯାଇଥିଲା।

ହୁମାୟୁନ୍ କବୀର ଟିଏମସି ବିରୋଧରେ ପରିବେଶ ବିଗାଡ଼ିବାର ଅଭିଯୋଗ ଆଣିଥିଲେ। ଏହାପରେ ଫଳରେ ଟିଏମସି ସମର୍ଥକମାନେ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ। ସୁରକ୍ଷା କର୍ମୀଙ୍କ ଉପସ୍ଥିତ ବୃଦ୍ଧି ଯୋଗୁଁ ପରିସ୍ଥିତି ଅଣାୟତ ହୋଇପାରିନଥିଲା। ଟିଏମସି କର୍ମୀମାନେ ହୁମାୟୁନ୍ କବୀରଙ୍କୁ ବିଜେପି ଏଜେଣ୍ଟ ବୋଲି କହିଛନ୍ତି।

ରାଜନଗର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ହୁମାୟୁନ୍ କବୀର ତାଙ୍କ ନିର୍ବାଚନମଣ୍ଡଳୀର ବିଭିନ୍ନ ପୋଲିଂ ବୁଥ୍ ପରିଦର୍ଶନ କରୁଥିବା ସମୟରେ ତାଙ୍କୁ ଟିଏମସି ସମର୍ଥକଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡିଛି। ହୁମାୟୁନ୍ କବୀର ରାଜ୍ୟର ପ୍ରତ୍ୟେକ ଛୋଟ ବଡ଼ ଘଟଣା ପାଇଁ ସିଧାସଳଖ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରି ଆସୁଛନ୍ତି ଏବଂ ତାଙ୍କୁ ଦାୟୀ କରୁଛନ୍ତି, ଯାହା ଫଳରେ ଉତ୍ୟକ୍ତ ଟିଏମସି ସମର୍ଥକମାନେ ଏଭଳି କରିଥିବା କୁହାଯାଉଛି। ମୁର୍ଶିଦାବାଦର ନେ?ଦା ବିଧାନସଭା ନିର୍ବାଚନମଣ୍ଡଳୀରେ ବୋମା ମାଡ ହୋଇଛି। ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି। ମତଦାନ ମଧ୍ୟରେ ବିଭିନ୍ନ ଦଳର ସମର୍ଥକମାନେ ରାସ୍ତାକୁ ଓହ୍ଲାଇଛନ୍ତି। ସୁରକ୍ଷା କର୍ମୀମାନେ ସେମାନଙ୍କୁ ଘଉଡ଼ାଇବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ମୁର୍ଶିଦାବାଦକୁ ଏକ ଅତ୍ୟନ୍ତ ସମ୍ବେଦନଶୀଳ ଜିଲ୍ଲା ଭାବରେ ବିବେଚନା କରାଯାଇ ସୁରକ୍ଷା ବାହିନୀ ମୁତୟନ କରାଯାଇଛି। ଏହି ଉତ୍ତ?ଜନା ମଧ୍ୟରେ, ଆଉ ଏକ କମ୍ପାନି ଅର୍ଦ୍ଧସାମରିକ ବାହିନୀ ମଧ୍ୟ ମୁତୟନ କରାଯାଇଛି।

ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ଶାସନ ସଚିବ ହେଲେ ରତ୍ନାକର ସାହୁ

ଭୁବନେଶ୍ୱର,୨୩।୪(ନି.ପ୍ର.):: ରାଜ୍ୟ ସରକାର ଏସସିଏସ୍ ସ୍ତରରେ ଅଦଳବଦଳ କରିଛନ୍ତି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି । ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ବଦଳି ହୋଇଥିବା ରତ୍ନାକରଙ୍କୁ ସାହୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ଦାୟିତ୍ୱ ମିଳିଛି । ତତସହିତ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ କାର୍ଯ୍ୟାଳୟକୁ ଅତିରିକ୍ତ ନୋଡାଲ୍ ଅଧିକାରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ । ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି । ସିଡିଏର ପୂର୍ବତନ ସଚିବ ଡ଼ଃ. ଶ୍ୱେତ କୁମାର ଦାଶଙ୍କୁ ଏମ୍.କେ.ସି.ଜି. ମେଡିକାଲ୍ କଲେଜ ଏବଂ ହସ୍ପିଟାଲ, ବ୍ରହ୍ମପୁରର ରେଜିଷ୍ଟ୍ରାର (ପ୍ରଶାସନ) ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ଡ଼ଃ. ଶ୍ୱେତ କୁମାର ଦାଶଙ୍କୁ ବର୍ତ୍ତମାନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ କରାଯାଇଥିବା ଅବସ୍ଥାପନାକୁ ବାତିଲ୍ କରାଯାଇଛି । ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଡ଼ଃ. ପ୍ରମୋଦ କୁମାର ପୃଷ୍ଟିଙ୍କୁ ନବରଙ୍ଗପୁରର ଅତିରିକ୍ତ ଜିଲ୍ଲାପାଳ ହୋଇଛନ୍ତି । ତତସହିତ ନବରଙ୍ଗପୁରର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବରେ ନିଯୁକ୍ତି ମିଳିଛି । ସଚ୍ଚିଦାନନ୍ଦ ନାୟକ ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ ସହିତ ଜିଲ୍ଲା ମାଜିଷ୍ଟ୍ରେଟର ଅତିରିକ୍ତ ଦାୟିତ୍ୱ ତୁଲାଇବେ । ତପନ କୁମାର ଖୁଣ୍ଟିଆ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବରେ ଅବସ୍ଥାପିତ କରାଯାଇଛି । ସେ ବର୍ତ୍ତମାନ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଛନ୍ତି । ରାଇରଙ୍ଗପୁରର ଉପଜିଲ୍ଲାପାଳ ଓ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବାମନଘାଟୀର ଉପଖଣ୍ଡ ଦଣ୍ଡାକାରୀ ଭାବରେ ସବ୍ୟସାଚୀ ପଣ୍ଡା ନିଯୁକ୍ତ ହୋଇଛନ୍ତି ।

ଧର୍ମ ପରିବର୍ତ୍ତନ ପାଇଁ ଝିଅକୁ ଚାପ

ସୁରକ୍ଷା ମାଗିଲା ହିନ୍ଦୁ ଝିଅ

ଢେଙ୍କାନାଳ,୨୩।୪(ନି.ପ୍ର.): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ଧର୍ମାନ୍ତୀକରଣର ଏକ କରୁଣ ଦୃଶ୍ୟ ଆସିଛି । ଝିଅ ଖ୍ରୀଷ୍ଟ ଧର୍ମ ଗ୍ରହଣ ନ କରିବାରୁ ଅକଥନୀୟ ନିର୍ଯ୍ୟାତନା ଦେଉଛି ପରିବାର । ବାପା, ଭାଇ, ଭାଉଜ ମିଳିମିଶି ମାଡ଼ ମାରିବା ସହିତ ଘରୁ ଝିଅକୁ ବେଦେଖଲ କରିଦେଇଛନ୍ତି । ଏ ନେଇ ଝିଅ ଏବେ ନ୍ୟାୟ ଆଶାରେ ଥାନାର ଦ୍ୱାରସ୍ଥ ହୋଇଛି । ରଥ ନାୟକଙ୍କ ଝିଅ ବୀଣାପାଣି ନାୟକ କାମାକ୍ଷାନଗର ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି ।

ଅଭିଯୋଗ ମୁତାବକ, ରଥ ନାଏକଙ୍କ ସମସ୍ତ ପରିବାର ସଦସ୍ୟ ଖ୍ରୀଷ୍ଟ ଧର୍ମକୁ ଧର୍ମାନ୍ତକରଣ ହୋଇଯାଇଛନ୍ତି । କିନ୍ତୁ ଝିଅ ବୀଣାପାଣି ଖ୍ରୀଷ୍ଟ ଧର୍ମ ଗ୍ରହଣ କରିନାହାଁନ୍ତି । ପ୍ରତ୍ୟେକ ମାସରେ ପ୍ରାର୍ଥନା ସଭା ହେଉଥିବାବେଳେ ଝିଅ ଯୋଗ ନଦେବାରୁ ପ୍ରାୟ ଏକ ବର୍ଷ ହେବ ତାକୁ ଅଲଗା କରିଦେଇଛନ୍ତି । କିନ୍ତୁ ଗତକାଲି ଏହା ଆହୁରି ଉଗ୍ରରୂପ ଧାରଣ କରିଥିଲା । ପୁରା ପରିବାର ମିଶି ଝିଅକୁ ମାଡ଼ ମାରିଥିଲେ । ବାପା ରଥ ନାଏକ, ଭାଇ ବାଦଲ ନାଏକ ଏବଂ ଭାଉଜ ଝୁନୁ ନାଏକ ଅକଥନୀୟ ନିର୍ଯ୍ୟାତନା ଦେବା ସହିତ ତାଙ୍କ ଜିନିଷପତ୍ର ପୋଫାଡ଼ି ଘରୁ ବାହାରି ଯିବାକୁ କହିଥିଲେ ।

ଶେଷରେ କିଛି ଉପାୟ ନ ପାଇ ବୀଣାପାଣି ଆଜି ଥାନାର ଦ୍ୱାରସ୍ଥ ହୋଇଛନ୍ତି । ତାଙ୍କୁ ସୁରକ୍ଷା ଦେବାକୁ ସେ କାନ୍ଦି କାନ୍ଦି ଗୁହାରୀ କରିଛନ୍ତି ।

ସୁଧୀର ପାତ୍ର ହତ୍ୟାର ଅସଲ କାହାଣୀ

ମେନ୍ ଭିଲେନ୍ ଝିଆରୀ, କ୍ରାଇମ୍ ପାର୍ଟନର୍ ଥିଲା ବୟଫ୍ରେଣ୍ଡ

ବ୍ରହ୍ମପୁର: ବହୁ ଚର୍ଚ୍ଚିତ ବ୍ରହ୍ମପୁର ଗୋପାଳପୁରର ଜମି ବ୍ୟବସାୟୀ ସୁଧୀର ପାତ୍ର ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ ହୋଇଛି। ଯେଉଁ ହତ୍ୟାକାଣ୍ଡକୁ ନେଇ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା, ତା' ପଛରେ ରହିଥିଲା ସମ୍ପୂର୍ଣ୍ଣ ପାରିବାରିକ ଷଡ଼ଯନ୍ତ୍ର। ହତ୍ୟା ପଛରେ ନିଜ ଝିଆରୀ ମାଷ୍ଟରମାଇଣ୍ଡ ବୋଲି ଜାଣିବାକୁ ପାଇଛି ପୋଲିସ। ଏହି ହତ୍ୟା ପଛରେ ରହିଛି ସମ୍ପତ୍ତି ଭାଗବଣ୍ଟା। ଏହି ଘଟଣାରେ ପୁତୁରା ଓ ଝିଆରୀ ସମେତ ୯ ଜଣଙ୍କୁ ଗିରଫ କରିଛି ପୋଲିସ।

ଏସପିଙ୍କ ସୂଚନା ମୁତାବକ, ଏହି ଜଘନ୍ୟ ହତ୍ୟାକାଣ୍ଡରେ ସୁଧୀରଙ୍କ ନିଜ ଝିଆରୀ ହିଁ ମୁଖ୍ୟ ଅଭିଯୁକ୍ତ। ତଦନ୍ତରୁ ଜଣାପଡ଼ିଛି ଯେ, ମୃତକଙ୍କ ଝିଆରୀ ନିବେଦିତା ପାତ୍ର ନିଜ ବୟଫ୍ରେଣ୍ଡ କାଲୁ ପ୍ରଧାନ ସହ ମିଶି ସୁଧୀରଙ୍କୁ ହତ୍ୟା କରିବା ପାଇଁ ପୂରା ପ୍ଲାନିଂ କରିଥିଲା। ଏହି ହତ୍ୟା ଯୋଜନାର ମାଷ୍ଟରମାଇଣ୍ଡ ଥିଲା କାଲୁ ପ୍ରଧାନ। ଏଥିରେ ନିବେଦିତାଙ୍କ ଭାଇ ତୁଷାର ପାତ୍ର ମଧ୍ୟ ସାମିଲ ଥିଲେ। ପରିବାରର ଲୋକଙ୍କର ଏହି ନିଷ୍ଠୁର କାରନାମା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି।

ଘଟଣାରେ ସମ୍ପୃକ୍ତ ଥିବା ସମୁଦାୟ ୯ ଜଣଙ୍କୁ ପୋଲିସ ଗିରଫ କରିଛି। ବ୍ୟବସାୟିକ ଶତ୍ରୁତା କିମ୍ବା ଅନ୍ୟ କୌଣସି କାରଣ ନୁହେଁ, ବରଂ ପାରିବାରିକ ସମ୍ପର୍କରେ ଥିବା ବିବାଦ ହିଁ ଏହି ହତ୍ୟାକାଣ୍ଡର ମୂଳ କାରଣ ବୋଲି ଜଣାପଡୁଛି। ପୋଲିସ ଏବେ ସମସ୍ତ ଅଭିଯୁକ୍ତଙ୍କୁ ହେପାଜତକୁ ନେଇ ଅଧିକ ତଦନ୍ତ ଜାରି ରଖିଛି।

ଗଞ୍ଜାମର ଗୋପାଳପୁର ନିକଟ ସତ୍ୟନାରାୟଣପୁର ଗ୍ରାମର ବାସିନ୍ଦା ଏବଂ ବାଲୁଗାଁ, ନାଟୁଣୀ ଏବଂ ଖଲ୍ଲିକୋଟ ଭଳି ଅଞ୍ଚଳରେ ଜମି ଏବଂ ପ୍ଲଟ୍ କାରବାରରେ ଜଡିତ ସୁଧୀର ଏପ୍ରିଲ ୧୫ ତାରିଖ ସନ୍ଧ୍ୟାରେ ଭଲିବଲ୍ ଖେଳି ନିଜ ମୋଟରସାଇକେଲରେ ଘରକୁ ଫେରୁଥିବା ସମୟରେ ତାଙ୍କୁ ଅପହରଣ କରାଯାଇଥିଲା। ଘଟଣାଟି ରାତି ୮ଟା ବେଳେ ଗୋପାଳପୁର ଥାନା ଅନ୍ତର୍ଗତ ଡୁରା ଡିଫେନ୍ସ କଲୋନି ଅଞ୍ଚଳରେ ଘଟିଥିଲା। ପରେ ତାଙ୍କ ମୋଟରସାଇକେଲ ଘଟଣାସ୍ଥଳରୁ ମିଳିଥିଲା, ଯାହା ପରେ ତାଙ୍କ ପରିବାର ଥାନାରେ ଅଭିଯୋଗ ଦାଖଲ କରିଥିଲେ। ତେବେ ପୋଲିସ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନଥିଲା।

ସେହିପରି ଗତକାଲି (ବୁଧବାର) ଦିନ ସୋରଡା ଥାନା ଅନ୍ତର୍ଗତ ବାଲାପଙ୍କା ଗ୍ରାମ ନିକଟ ରାଶିପଙ୍କଲ ସେତୁ ନିକଟରେ ପୋଲିସ ଏକ ପଚିଯାଇଥିବା ମୃତଦେହ ବିଷୟରେ ସୂଚନା ପାଇଥିଲା। ଫୋରେନସିକ୍ ବିଶେଷଜ୍ଞ ଏବଂ ପରିବାର ସଦସ୍ୟଙ୍କ ସମେତ ଏକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା ଅପହରଣ ସମୟରେ ସୁଧୀର ପିନ୍ଧିଥିବା ପୋଷାକ ଦେଖି ମୃତଦେହ ଚିହ୍ନଟ କରାଯାଇଥିଲା। ପରେ ଘଟଣାସ୍ଥଳରେ ପୋଷ୍ଟମର୍ଟମ୍ କରାଯାଇଥିଲା ଏବଂ ମୃତଦେହକୁ ଶେଷକୃତ୍ୟ ପାଇଁ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

ବଦଳିବ ବ୍ରହ୍ମପୁର ଷ୍ଟେସନର ଚେହେରା

୩୦୦ କୋଟି ଅର୍ଥରେ ହେବ ରୂପାନ୍ତରଣ

ଗଞ୍ଜାମ: ଦକ୍ଷିଣ ଓଡ଼ିଶାରେ ହେବାକୁ ଯାଉଛି ଏକ ବଡ଼ ପରିବର୍ତ୍ତନ। ବ୍ରହ୍ମପୁରବାସୀଙ୍କ ଦୀର୍ଘ ଦିନର ଅପେକ୍ଷା ଶେଷ ହେବାକୁ ଯାଉଛି। ଏବେ ଆଧୁନିକ ରୂପ ନେବ ବ୍ରହ୍ମପୁର ରେଳଷ୍ଟେସନ। ପ୍ରାୟ ୩୦୦ କୋଟି ଟଙ୍କାର ବୃହତ୍ ପୁନର୍ବିକାଶ ଯୋଜନା ସହ, ଏହି ବ୍ୟସ୍ତ ରେଳ ହବ୍ ?ଟି ସ୍ମାର୍ଟ ଏବଂ ସୁବିଧାସମ୍ପନ୍ନ ଯାତ୍ରାର ନୂଆ ପରିଚୟ ପାଲଟିବ।

ପ୍ରତିଦିନ ୧୬୦ରୁ ଅଧିକ ଟ୍ରେନ୍ ଚଳାଚଳ ଓ ୨୫ ହଜାରରୁ ଅଧିକ ଯାତ୍ରୀଙ୍କ ଯାତାୟାତ ସହ, ବ୍ରହ୍ମପୁର ଷ୍ଟେସନ ଦକ୍ଷିଣ ଓଡ଼ିଶାର ଜୀବନରେଖା। ଏହି ଗୁରୁତ୍ୱକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥ ଏହାକୁ ଦେଉଛି ଏକ ନୂଆ ଚେହେରା। ଯୋଜନା ଅନୁସାରେ, ୩ଟି ନୂତନ ରେଳ ଲାଇନ ଓ ୪ଟି ଅତିରିକ୍ତ ପ୍ଲାଟଫର୍ମ ନିର୍ମାଣ ହେବ, ଯାହା ଟ୍ରେନ୍ ଚଳାଚଳକୁ ଅଧିକ ସୁଗମ କରିବ।

କେବଳ ଏତିକି ନୁହେଁ, ଯାତ୍ରୀମାନଙ୍କ ସୁବିଧାକୁ ମଧ୍ୟ ଦିଆଯାଇଛି ପ୍ରାଥମିକତା। ନୂତନ ଏଲିଭେଟେଡ୍ କନେକ୍ଟିଭିଟି, ବିସ୍ତାରିତ ଫୁଟ୍ ଓଭର ବ୍ରିଜ୍, ଲିଫ୍ଟ ଓ ଏସ୍କାଲେଟର ସହ ଷ୍ଟେସନ ହେବ 'ସୁଗମ୍ୟ'। ଦିବ୍ୟାଙ୍ଗମାନଙ୍କ ପାଇଁ ଟ୍ୟାକ୍ଟାଇଲ୍ ପାଥୱେ ଓ ବାଧାମୁକ୍ତ ଯାତାୟାତ ବ୍ୟବସ୍ଥା ଏହାକୁ ଆହୁରି ସାମାଜିକ ଭାବେ ସମାନ କରିବ।

ସେହିପରି ଭିଡ଼ ହ୍ରାସ ପାଇଁ ଦୁଇ ପାର୍ଶ୍ୱରେ ଡବଲ୍ ଏଣ୍ଟ୍ରି ସିଷ୍ଟମ୍ ଗଢ଼ାଯିବ। ଏଥିସହିତ ରାସ୍ତା ପ୍ରଶସ୍ତୀକରଣ, ସୌନ୍ଦର୍ଯ୍ୟକରଣ ଓ ଆଧୁନିକ ସର୍କୁଲେଟିଂ ଏରିଆ ନିର୍ମାଣ ହେଉଛି। 'କୁଇକ୍ ୱାଟରିଂ ସିଷ୍ଟମ୍' ଦ୍ୱାରା ଟ୍ରେନ୍ ସେବା ହେବ ଅଧିକ ଦ୍ରୁତ, ଯାହା ଟର୍ଣ୍ଣାଉରାଉଣ୍ଡ ସମୟ କମେଇବ। ସ୍ମାର୍ଟ ଷ୍ଟେସନ ଭାବେ ଏଠାରେ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ରହିବ ଯେପରିକି ସିସିଟିଭି ନିରୀକ୍ଷଣ , ପ୍ରବେଶ ନିୟନ୍ତ୍ରଣ ବ୍ୟବସ୍ଥା (ବମମରଙ୍ଖ୍ୱ ମକ୍ଟଭଙ୍ଖକ୍ଖକ୍ଷ ଶ୍ଳଙ୍ଖଙ୍ଖରଙ୍ଖ୍ୱ) ଏବଂ ବ୍ୟାଗେଜ୍ ସ୍କାନର, ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ ସହ ସିଗନାଲିଂ ବ୍ୟବସ୍ଥା ସହିତ ଓଡିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ବହୁଭାଷୀ ସୂଚନା ଫଳକ ଇତ୍ୟାଦି।ଏହି ପୁନର୍ବିକାଶ କେବଳ ଏକ ଷ୍ଟେସନର ନୂଆ ରୂପ ନୁହେଁ, ଏହା ବ୍ରହ୍ମପୁର ଓ ସମଗ୍ର ଦକ୍ଷିଣ ଓଡ଼ିଶାର ଭବିଷ୍ୟତ ଯାତାୟାତକୁ ନୂଆ ଦିଗ ଦେବ।

ଡାହୁକ



ଯେମିତି ବଢୁଛି ବେକାରୀ ସମସ୍ୟା
ନିଯୁକ୍ତି ମିଳିବା କଷ୍ଟ
ପ୍ରଧାନମନ୍ତ୍ରୀଙ୍କ କଥା ଅନୁସାରେ
ପକୁଡି ଛାଣିବା ସ୍ପଷ୍ଟ
ପାଠ କିଏ କାହିଁ ପଢ଼ିବ
ବାପାଙ୍କ ଟଙ୍କାକୁ ସାରିବ
ସେଟଙ୍କା ସଂଚୟ କରି ରଖିଥିଲେ
ବେସନ ପିଆଜ କିଣିବ

-ବିଧୁ

ସହଜ ହେବ ସିଟି ଗ୍ୟାସ୍ ବିତରଣ: ବିତରଣ ନୀତିକୁ କ୍ୟାବିନେଟ୍ ମଞ୍ଜୁରି

ଭୁବନେଶ୍ୱର,୨୩।୪(ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା ୩୯ତମ କ୍ୟାବିନେଟ୍ ବୈଠକରେ ୮ଟି ବିଭାଗର ୮ଟି ପ୍ରସ୍ତାବ ପାରିତ ହୋଇଥିଲା। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପୂର୍ବରୁ ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପଗୁଡିକ ଅହେତୁକ ବିଳମ୍ବ ହେଉଥିଲା। ବିଭିନ୍ନ ସଂସ୍ଥାଠାରୁ ଅନୁମତି ପାଇବାରେ ବିଳମ୍ବ ଏବଂ ଏକ ସମନ୍ୱିତ ନୀତିର ଅଭାବ ହିଁ ପ୍ରକଳ୍ପ କାର୍ଯ୍ୟକାରିତାରେ ବାଧକ ଥିଲା। ନୂଆ ନୀତି ଏହି ପ୍ରକ୍ରିୟାକୁ ସରଳୀକୃତ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ନୂଆ ନୀତି ଦ୍ୱାରା ବିଭିନ୍ନ ବିଭାଗୀୟ ଅନୁମତି ପ୍ରକ୍ରିୟା ସହଜ ହେବ ଏବଂ ସ୍ୱଚ୍ଛ ଜାଳେଣି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ। ପ୍ରକଳ୍ପ ସମ୍ପତ୍ତିର ଠିକ୍ ପରିଚାଳନା ମାଧ୍ୟମରେ ନିରାପଦ ଓ ନିରନ୍ତର ଗ୍ୟାସ୍ ଯୋଗାଣ ନିଶ୍ଚିତ ହୋଇପାରିବ। ସ୍ୱଚ୍ଛ ଭାରତ ମିସନ୍ ଅନ୍ତର୍ଗତ କମ୍ପ୍ରେସ୍ଡ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକ ସମନ୍ୱୟ ରକ୍ଷା କରାଯାଇପାରିବ। ଗୃହ ଓ ନଗର ଉନ୍ନୟନ ବିଭାଗ ଏହାର ନୋଡାଲ୍ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏହାର ସଫଳ ରୂପାୟନ ପାଇଁ ଏକ ରାଜ୍ୟସ୍ତରୀୟ ଅଧିକାରୀ କମିଟି ଓ ଜିଲ୍ଲାସ୍ତରୀୟ ତଦାରଖ କମିଟି ଗଠନ କରାଯିବ। ଏହା ଘରୋଇ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏଥିସହ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁମୋଦନ ଶୁଳ୍କ ଉପରେ ରିହାତି ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଛି।

କଟକର କାଠଯୋଡି ନଦୀ ଉପରେ ନୂଆ ସେତୁ ନିର୍ମାଣ ପାଇଁ ହୋଇଥିବା ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏସ୍‌ଏପିଏସ୍ କନ୍‌ଷ୍ଟ୍ରକ୍ସନ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ୧୫୮ କୋଟି ୮୮ ଲକ୍ଷ ଟଙ୍କାରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ

ଯୋଗ୍ୟ ବିବେଚିତ ହୋଇଛି। ଏହି ସେତୁଟି ତ୍ରିଶୁଳିଆ ଛକକୁ ଜୁଡିସିଆଲ୍ ଏକାଡେମୀ ଛକ ସହ ସଂଯୋଗ କରିବ। ବର୍ତ୍ତମାନର ସେତୁ ସହ ସମାନ୍ତରାଳ ଭାବେ ଏହି ନିର୍ମାଣ କରାଯିବ। ଦ୍ୱୈତନଗରୀ ଉପରେ ନିର୍ଭର କରୁଥିବା ଲୋକମାନେ ଏହା ଦ୍ୱାରା ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ବଲାଙ୍ଗୀରରେ ଏକ ଅତ୍ୟାଧୁନିକ ସୂତାକଳ ସ୍ଥାପନ ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। 'ମେସର୍ସ ଅମ୍ବିକା କଟସ୍ପିନ୍' ପକ୍ଷରୁ ୧୨୪ କୋଟି ଟଙ୍କା ପୁଞ୍ଜିନିବେଶ କରାଯାଇ ଏହି ପ୍ରକଳ୍ପ ସ୍ଥାପନ କରାଯିବ। ଏଠାରେ ୩୦୦ ଜଣଙ୍କ ପାଇଁ ସିଧାସଳଖ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପାରମ୍ପରିକ ଭାବେ ଦୃ ଶିଳ୍ପ ଭିତ୍ତିଭୂମିର ଅଭାବ ଥିବା ଅଞ୍ଚଳରେ ସ୍ଥାୟୀ ଜୀବିକା ପ୍ରଦାନ କରିବାରେ ଏହା ସହାୟକ ହେବ। ଓଡିଶାରେ କପାଚାଷରେ ନିରନ୍ତର ବୃଦ୍ଧି ଘଟିଛି। କିନ୍ତୁ ଡାଉନଷ୍ଟ୍ରିମ୍ ପ୍ରକ୍ରିୟାକରଣ ଏବଂ ମୂଲ୍ୟ ବୃଦ୍ଧି ପାଇଁ ଆବଶ୍ୟକ ଭିତ୍ତିଭୂମି ଅଭାବ ରହିଛି। ଏହି ପ୍ରସ୍ତାବିତ ସୂତାକଳ କେବିକେ ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲ୍ଲାଗୁଡିକରେ ଶିଳ୍ପ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବ ବୋଲି ସରକାର ଆଶା ରଖିଛନ୍ତି।

କ୍ୟାବିନେଟ୍‌ରେ ଓଡିଶା ରାଜ୍ୟ ଆଲାଏଡ୍ ଏବଂ ସ୍ୱାସ୍ଥ୍ୟସେବା ପରିଷଦ ନିୟମାବଳୀ, ୨୦୨୬ ପ୍ରଣୟନ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଆଲାଏଡ୍ ଏବଂ ସ୍ୱାସ୍ଥ୍ୟସେବା ବୃତ୍ତି ଜାତୀୟ କମିସନ (ଏନ୍‌ସିଏଏଚ୍‌ପି) ଅଧିନିୟମ, ୨୦୨୧ର ଧାରା ୬୮(୧) ଅନୁଯାୟୀ ପ୍ରଣୟନ କରାଯାଇଛି । ଆଲାଏଡ୍ ଏଣ୍ଡ ହେଲ୍‌ଥକେୟାର ପ୍ରଫେସନ୍‌ସଙ୍କ ଜାତୀୟ କମିସନ ୨୦୨୪ ମସିହା ଜାନୁଆରି ୮ରେ ପ୍ରତିଷ୍ଠା କରାଯାଇଛି। ଏହା ଏକ ଜାତୀୟ ନିୟାମକ ସଂସ୍ଥା। ୫୬ଟି ସ୍ୱୀକୃତିପ୍ରାପ୍ତ ଆଲାଏଡ୍ ଏବଂ ସ୍ୱାସ୍ଥ୍ୟସେବା ବୃତ୍ତିକୁ ନିୟନ୍ତ୍ରଣ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ୨୦୨୧ ମସିହା ପୂର୍ବରୁ ଏହି ବୃତ୍ତିଗୁଡିକ ଜାତୀୟ ମେଡିକାଲ କମିସନ (ଏନ୍‌ଏମ୍‌ସି), ଭାରତୀୟ ଦନ୍ତ ପରିଷଦ (ଡିସିଆଇ), ଭାରତୀୟ ନର୍ସ ପରିଷଦ (ଆଇଏନ୍‌ସି) କିମ୍ବା ଭାରତୀୟ ଫାର୍ମାସି ପରିଷଦ (ପିସିଆଇ) ଆଦି ପରି କେଣସି ସଂସ୍ଥା ଅଧୀନରେ ନ ଥିଲେ। ମଞ୍ଜୁରିପ୍ରାପ୍ତ ରାଜ୍ୟ ଆଲାଏଡ୍ ଏବଂ ସ୍ୱାସ୍ଥ୍ୟସେବା ପରିଷଦ ନିୟମାବଳୀ-୨୦୨୬ ମୁତାବକ ସମସ୍ତ ପଞ୍ଜୀକୃତ ବୃତ୍ତିଧାରୀଙ୍କ ପାଇଁ ଏକ ଅନ୍‌ଲାଇନ୍ କେନ୍ଦ୍ରୀୟ ରେଜିଷ୍ଟର ପ୍ରସ୍ତୁତ ସାଙ୍ଗକୁ ସେମାନଙ୍କ ବୃତ୍ତିଗତ ଆଚରଣ, ନୈତିକ ନିୟମାବଳୀ ତଥା ଶୃଙ୍ଖଳା ରକ୍ଷା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରାଯିବ। ସେହିପରି ଏହି ନିୟମାବଳୀ ଆଲାଏଡ୍ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସ୍ନାତକ, ସ୍ନାତକୋତ୍ତର ଓ ପିଏଚ୍‌ଡି ପାଠ୍ୟକ୍ରମରେ ନାମଲେଖା ପାଇଁ ଏକ ସମାନ ପ୍ରବେଶିକା ପରୀକ୍ଷା ଓ ସାଧାରଣ କାଉନ୍‌ସେଲିଂ ବ୍ୟବସ୍ଥା କରିବ। ଏହା ସହ ବୃତ୍ତିଗତ ଲାଇସେନ୍‌ସ ପ୍ରଦାନ ପାଇଁ ଏକ ସମାନ ନିର୍ଗମନ (ଏକ୍‌ଜିଟ୍) ପରୀକ୍ଷା ପ୍ରଚଳନ କରିବାରେ ସହାୟକ ହେବ।